ସମକାଳର ସ୍ୱର ବିହୁଡ଼ି

# ତାରୁଣ୍ୟର କୋମଳକାନ୍ତି: କଥାକାର ତରୁଣକାନ୍ତି

ପବିତ୍ର ପାଣିଗ୍ରାହୀ

ଆଧିଭୌତିକ ବସୁଧାରୁ ଅଲୌକିକ ଆକାଶ ଯାଏ ପରିବ୍ୟାପ୍ତ ତାରୁଣ୍ୟର କାନ୍ତିରେ ଚିର ଉଦ୍‌ଭାସିତ କଥାକାର ତରୁଣକାନ୍ତି ମିଶ୍ରଙ୍କ ଗଳ୍ପ ଜଗତ। ଐନ୍ଦ୍ରଜାଲିକ ବାସ୍ତବତାକୁ ନୂତନ ଅଭିବ୍ୟକ୍ତି ପ୍ରଦାନ କରୁଥିବା ତାଙ୍କର ପ୍ରତିଟି ଗଳ୍ପରେ ଭରାଣ୍ଡି ହୁଏ ଗଭୀର ଅନ୍ତରଙ୍ଗ ଅନୁଭବ, ମାର୍ମିକ ଉପଲବ୍‌ଧି ଓ ରସଘନ ଅନୁଭୂତି ସାଙ୍ଗକୁ ବିଦଗ୍ଧ ଚେତନାର ମନମତାଣିଆ ସ୍ପର୍ଶ। ସମକାଳୀନ କଥାସାହିତ୍ୟରେ ଏକ ସ୍ନେହସ୍ନିଗ୍ଧ ଉଦାରଣ ସମ୍ବେଦନଶୀଳ କଥାଶିଳ୍ପୀ ତରୁଣକାନ୍ତିଙ୍କ ଗଳ୍ପ କେବେ ସ୍ୱପ୍ନ ଓ ତାରୁଣ୍ୟର କୋମଳତାରେ ରସସିକ୍ତ ତ କେବେ ପୁଣି କାରୁଣ୍ୟର କମନୀୟତାରେ ଛଳଛଳ। ତାଙ୍କ ଗପଟିଏ ଶେଷହେଲା ପରେ ମଧ୍ୟ ସରେ ନାହିଁ, ଶେଷକଥାଟି ସେ ପାଠକଙ୍କୁ ଖୋଲି କହନ୍ତି ନାହିଁ। ଅଧିକାଂଶ ଗଳ୍ପ ତାଙ୍କର ମାନବୀୟ ସମ୍ବେଦନାରେ ଉଚ୍ଛଳ। ମନଛୁଆଁ ଗୁଣ ହିଁ ତାଙ୍କ ଗଳ୍ପକଳାର ଐଶ୍ୱର୍ଯ୍ୟ, ମନକୁ ଛୁଇଁସାରି ତାଙ୍କ ଗପ ହୃଦୟକୁ ଆଲୋଡ଼ିତ କରେ। ରହସ୍ୟମୟ, ଅନ୍ତର୍ମୁଖୀ ତାଙ୍କ ଗଳ୍ପରେ ଜୀବନ ପ୍ରତି ମୁଗ୍ଧ ତନ୍ମୟତା ଓ ନିବିଡ଼ ମମତ୍ୱବୋଧ ପ୍ରତ୍ୟକ୍ଷ କରିହୁଏ। ସେଇଥିପାଇଁ ତାଙ୍କ ଗଳ୍ପ ବିଦଗ୍ଧ ବିସ୍ମୟ ତଥା ରସଚେତନାରେ ଜୀବନ୍ତ ଓ ପ୍ରାଣୋଚ୍ଛଳ। ତାଙ୍କ ଗଳ୍ପ କଥନର ଅନ୍ୟତମ ବିଭବ ହେଲା କାବ୍ୟିକ କୋମଳପଣ ଏବଂ କବିତା ପରି ରୂପକଳ୍ପ, ଚିତ୍ରକଳ୍ପର ପ୍ରୟୋଗ। ସେ କବିତାର ଭାଷାରେ ଗପ ଲେଖନ୍ତି। ଯେମିତି- 'ସକାଳର ପ୍ରାର୍ଥନା ସଭାରେ ସେ ଭାରି ଖୁସି ଖୁସି ଜଣା ପଡୁଥିଲେ, କିନ୍ତୁ ଶେଷକୁ ଦିଶିଲେ ଖରାରେ ଝାଉଁଳି ପଡ଼ିଥିବା ମନ୍ଦାର ଫୁଲଟିଏ ପରି।' ବା 'ମାଳତୀର କାନରେ ଥିଲା ଦୁଇଟି ସୁନ୍ଦର ଛୋଟ ଛୋଟ କାନଫୁଲ। ଡ୍ରଇଂରୁମ୍‌ର କୃତ୍ରିମ ଆଲୁଅରେ ତାହା ଦିଶୁଥିଲା ଦୁଇବିନ୍ଦୁ ଲୁହ ଭଳି।'(ଜହ୍ନରାତିର ଗପ, ସରିନାହିଁ) ତାଙ୍କ ଯାଦୁକରୀ ଭାଷା ପାଠକଙ୍କୁ ବାନ୍ଧିରଖେ। 'ଲୁବ୍‌ଧକର ରାତି' ସଂକଳନର ଧାଡ଼ି କେତୋଟି ଏମିତି- 'ଲଣ୍ଠନର ମଳିନ ଆଲୋକ ତଳେ ତା' ମୁହଁଟି ଦେଖା ଯାଉଥିଲା ସଫେଦ ମେଘ ପରି ଓ ଆଖି ଦିଶୁଥିଲା ତାରା ପରି ଉଜ୍ଜ୍ୱଳ' ବା 'ଡେଙ୍ଗା ଡେଙ୍ଗା ଗଛ ଆଢୁଆଳରେ ସୂର୍ଯ୍ୟ ଲୁଚି ଯାଉଥାଏ କାଲୁରି ବାଲୁରି ଝିଅଟିଏ ଦୁଷ୍ଟାମୀରେ ମୁହଁ ଲୁଚେଇ ଦେଲା ପରି।' କିମ୍ବା 'ଟିକିଏ ଦୂରରେ ବହି ଯାଉଥିଲା ଦେବୀ ନଦୀ ସରଳ କିଶୋରୀର ଚାପା ହସ ପରି। ନୀଳ ଆକାଶ ଆଉ ସବୁଜ ପାହାଡ଼ର ଆଶ୍ଳେଷ ଭିତରେ ସହରଟି ଥିଲା ଗୋଟିଏ ମଧୁର ସ୍ୱପ୍ନ ପରି ଉଷୁମ ଓ କୋମଳ। ଆକାଶ ଥିଲା ପରିଚ୍ଛନ୍ନ, କେଉଁ ଉଦାରଚେତାର ଛାତି ପରି। ପୃଥିବୀ ଦେଖାଯାଉଥିଲା ସବୁଜ ଶାଢ଼ିପିନ୍ଧା ଶାନ୍ତ, ଆତ୍ମସମର୍ପିତା କିଶୋରୀଟିଏ ପରି।'(ରଜନୀ ଗନ୍ଧା) ଅଜଣା ତିଥିର ଜହ୍ନ, ଅଜଣା ପକ୍ଷୀର ସ୍ୱନ, ଅଜଣା ଫୁଲର ବାସ୍ନା ଭଳି କେତୋଟି ନିର୍ଦ୍ଦିଷ୍ଟ ଶବ୍ଦ ଓ ଭାବ ପ୍ରତି ତାଙ୍କର ଅଧିକ ଦୁର୍ବଳତା, ଅଚିହ୍ନା ଶବ୍ଦ ପ୍ରତି ମଧ୍ୟ ପ୍ରବଳ ମୋହ। ଅବଶ୍ୟ ତା'ର କଅଁଳପଣ ଯୋଗୁଁ ପାଠକଙ୍କୁ ଛୁଇଁଯାଏ।



ତରୁଣକାନ୍ତି ମିଶ୍ର

ମୋତେ ଲାଗେ, ଓଡ଼ିଆ ସାହିତ୍ୟରେ ପ୍ରେମଗଳ୍ପ ଲେଖିବାରେ ସେ ଅପ୍ରତିଦ୍ୱନ୍ଦ୍ୱୀ। ତାଙ୍କ ସହ ପ୍ରତ୍ୟକ୍ଷ ସାକ୍ଷାତ ପରେ ଯେ କେହି ତାଙ୍କ ବ୍ୟକ୍ତିତ୍ୱର ବହୁବର୍ଣ୍ଣୀ ଆଭାରେ ମୁଗ୍ଧ, ବିଭୋର ହେବେ। ତାଙ୍କର ସୌମ୍ୟକାନ୍ତ ଚେହେରା ପରି କଥାବାର୍ତ୍ତା ଆଉ ବ୍ୟବହାର ଖୁବ୍ ସ୍ନିଗ୍ଧ ଓ ସରଳ। ଏତେବଡ଼ ଉଚ୍ଚ ପଦବୀରୁ ଅବସର ନେଇଥିଲେ ବି ଗର୍ବ କି ଅହମିକା ଟିକେ ବି ସ୍ପର୍ଶ କରିନି ତାଙ୍କୁ। ରହନ୍ତି ସଫା ସୁତୁରା ଛୋଟ ଘରଟିଏରେ। ଯୋଉ ଘରଟିକୁ ଚାକିରି କାଳରେ ସରକାରୀ କ୍ୱାର୍ଟରରେ ରହୁଥିଲାବେଳେ ଭଡ଼ାରେ ଦେଇଥିଲେ ଜଣେ ଅଧ୍ୟାପକଙ୍କୁ ନାଁକୁ ମାତ୍ର ଘର ଭଡ଼ାରେ ଅନେକ ବର୍ଷ ଧରି। ମୁଖ୍ୟ ସଚିବ ହେବା ପୂର୍ବରୁ କାର୍‌ଟିଏ କିଣିବାକୁ ଯାଇ ଅଲ୍‌ଟୋ-୮୦୦ କିଣିଲେ ଯେ ବିସ୍ମୟ ଚକିତ ହୋଇଯାଇଥିଲେ ସୋରୁମ୍‌ର କର୍ମଚାରୀମାନେ। ପତ୍ନୀଙ୍କଠାରେ ସର୍ବଦା ସେ କୃତଜ୍ଞ ସାଂସାରିକ ଜଞ୍ଜାଳରୁ ତାଙ୍କୁ ମୁକ୍ତି ଦେଇ ଲେଖିବା ପାଇଁ ସହଯୋଗ କରୁଥିବା ଯୋଗୁଁ। ଆମେରିକାରେ ଥିବା ଏକମାତ୍ର ପୁଅ ପାଖକୁ ଯାଇଥିଲେ ବି ସେ ଝୁରି ହୁଅନ୍ତି ଓଡ଼ିଶାକୁ, ସମଧର୍ମା ବନ୍ଧୁଙ୍କ ସହ ଓଡ଼ିଆ ପତ୍ରପତ୍ରିକାକୁ। ସରଳତା ସାଙ୍ଗକୁ ପ୍ରାଣପ୍ରାଚୁର୍ଯ୍ୟରେ ସର୍ବଦା ଛଳଛଳ ନିର୍ଭେଜାଲ ମଣିଷଟିଏ ସେ। ଏକାଧାରରେ ନିଆରା କଥାଶିଳ୍ପୀ ଓ ଜଣେ ଭଲ ମଣିଷ। ଶତାୟୁ ଶରତର ସ୍ୱପ୍ନରେ ବିଭୋର ଏକମାତ୍ର ଉପନ୍ୟାସ 'ଶରଦଃ ଶତମ୍'ର ଧାଡ଼ି କେତୋଟିରୁ ଜୀବନାନୁଭବ ସହ ଦାର୍ଶନିକତାକୁ ବୁଝିହୁଏ ସହଜରେ। "ଜୀବନ ଅନେକ ବଡ଼। କଟକ ସହର ହେଉ ବା ଦିଲ୍ଲୀ ମହାନଗରୀ, ସାହାରା ମରୁଭୂମି ହେଉ କି ଦଣ୍ଡକାରଣ୍ୟ, ଜୀବନ ସବୁଠି ପରିବ୍ୟାପ୍ତ। ମଣିଷର ନିଃଶ୍ୱାସ ପରି, ଭଗବାନଙ୍କ ଆଶୀର୍ବାଦ ପରି।"

ମୋ: ୯୯୩୮୦୪୨୪୬୮